# NATIONAL NEWS BULLETIN (ODIA)
## 20th April' 2026
## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ଦ୍ୱିପାକ୍ଷିକ ସ୍ୱାର୍ଥଜଡ଼ିତ ପ୍ରସଙ୍ଗ ନେଇ ଆଜି ନୂଆଦିଲ୍ଲୀରେ ଦକ୍ଷିଣ କୋରିଆ ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିବେ ପ୍ରଧାନମନ୍ତ୍ରୀ ।
- ଭାରତ-ଆମେରିକା ମଧ୍ୟରେ ଆଜିଠାରୁ ପୁଣି ଆରମ୍ଭ ହେବ ପ୍ରସ୍ତାବିତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ପ୍ରଥମ ପର୍ଯ୍ୟାୟ ଆଲୋଚନା ।
- ପଶ୍ଚିମବଙ୍ଗ ବିଧାନସଭାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ୩ କୋଟିରୁ ଅଧିକ ଯୋଗ୍ୟ ଭୋଟରଙ୍କ ତାଲିକା ପ୍ରକାଶ କଲା ନିର୍ବାଚନ ଆୟୋଗ ।
- ଆମେରିକା ସହ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନାପାଇଁ ଅସମ୍ମତି ପ୍ରକାଶ କରିଛି ଇରାନ୍ ।
- ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ସତ୍ତ୍ୱେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ୬ ଦଶମିକ ୮ରୁ ଅଧିକ ରହିବା ନେଇ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କର ଆକଳନ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସକୁ ୫୪ ରନ୍‌ରେ ପରାସ୍ତ କଲା ପଞ୍ଜାବ କିଙ୍ଗ୍‌ସ ।

## ପି.ଏମ୍.-ସାଉଥ୍ କୋରିଆନ୍ ପ୍ରେଜ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ନୂଆଦିଲ୍ଲୀରେ ଦକ୍ଷିଣ କୋରିଆ ରାଷ୍ଟ୍ରପତି ଲି ଜାଏ ମ୍ୟୁଙ୍ଗଙ୍କ ସହ ଆଲୋଚନା କରିବେ। ଦୁଇ ନେତା ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ମଜବୁତ କରିବା ଉପରେ ଧ୍ୟାନ ଦେବେ । ଆଲୋଚନା କାଳରେ ଜାହାଜ ନିର୍ମାଣ, ବାଣିଜ୍ୟ, ପୁଞ୍ଜିନିବେଶ, କୃତ୍ରିମ ବୁଦ୍ଧିମତ୍ତା, ସେମିକଣ୍ଡକ୍ଟର, ପ୍ରଯୁକ୍ତିବିଦ୍ୟା ଏବଂ ସାଂସ୍କୃତିକ ଆଦାନପ୍ରଦାନ ସମ୍ପର୍କିତ ପ୍ରସଙ୍ଗ ସ୍ଥାନ ପାଇବ । ଉଭୟ ନେତା ପାରସ୍ପରିକ ସ୍ୱାର୍ଥଜଡ଼ିତ ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମଧ୍ୟ ମତ ବିନିମୟ କରିବେ। ଦକ୍ଷିଣ କୋରିଆ ରାଷ୍ଟ୍ରପତିଙ୍କ ସମ୍ମାନାର୍ଥେ ଶ୍ରୀ ମୋଦି ମଧ୍ୟାହ୍ନ ଭୋଜନ ଆୟୋଜନ କରିବାର କାର୍ଯ୍ୟକ୍ରମ ରହିଛି ।

ରାଷ୍ଟ୍ରପତି ଲି ଜାଏ ମ୍ୟୁଙ୍ଗ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ମଧ୍ୟ ଆଲୋଚନା କରିବେ।

ଗତକାଲି ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଦକ୍ଷିଣ କୋରିଆ ରାଷ୍ଟ୍ରପତିଙ୍କ ସହ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପ୍ରତିବଦ୍ଧତା ନେଇ ପ୍ରଶଂସା କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଦକ୍ଷିଣ କୋରିଆ ରାଷ୍ଟ୍ରପତିଙ୍କ ଆଲୋଚନା ଉଭୟ ଦେଶର ସ୍ୱତନ୍ତ୍ର ରଣନୈତିକ ସହଭାଗୀତାକୁ ଆହୁରି ମଜବୁତ କରିବ ବୋଲି ବୈଦେଶିକ ମନ୍ତ୍ରୀ କହିଛନ୍ତି ।

ଦକ୍ଷିଣ କୋରିଆ ରାଷ୍ଟ୍ରପତି ଗତକାଲି ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିଥିଲେ। ତାଙ୍କୁ କେନ୍ଦ୍ର ମନ୍ତ୍ରୀ ହର୍ଷ ମାଲହୋତ୍ରା ସ୍ୱାଗତ କରିଥିଲେ। ତାଙ୍କ ସହିତ ଏହି ଗସ୍ତରେ ସେଠାକାର ମନ୍ତ୍ରୀ, ବରିଷ୍ଠ ଅଧିକାରୀ ଓ ବ୍ୟବସାୟିକ ନେତୃତ୍ୱମାନେ ଆସିଛନ୍ତି । ଦକ୍ଷିଣ କୋରିଆ ରାଷ୍ଟ୍ରପତି ଲିଙ୍କ ଏହା ପ୍ରଥମ ଭାରତ ଗସ୍ତ।

## ଇଣ୍ଡିଆ-ୟୁ.ଏସ୍. ଟ୍ରେଡ୍ ଟକ୍ସ

ଭାରତ ଓ ଆମେରିକା ମଧ୍ୟରେ ଆଜି ପ୍ରସ୍ତାବିତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମାର ପ୍ରଥମ ପର୍ଯ୍ୟାୟ ଆଲୋଚନା ପୁଣି ଆରମ୍ଭ ହେବ । ଆସନ୍ତା ୨୨ ପର୍ଯ୍ୟନ୍ତ ୱାଶିଂଟନ ଡିସିରେ ଆଲୋଚନା ହେବ । ବାଣିଜ୍ୟ ବିଭାଗର ଅତିରିକ୍ତ ସଚିବ ଦର୍ପଣ ଜୈନ ଭାରତୀୟ ପ୍ରତିନିଧିମଣ୍ଡଳର ନେତୃତ୍ୱ ନେଉଛନ୍ତି। ସୀମା ଶୁଳ୍କ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଅଧିକାରୀମାନେ ମଧ୍ୟ

ଭାରତୀୟ ପ୍ରତିନିଧି ଦଳରେ ସାମିଲ୍ ହେବେ । ଏହି ୩ ଦିନିଆ ଆଲୋଚନା କାଳରେ ଉଭୟ ଦେଶ ମଧ୍ୟରେ ପ୍ରସ୍ତାବିତ ଶୁଳ୍କ ଢାଞ୍ଚା ନେଇ ମୁହାଁମୁହିଁ ଆଲୋଚନା ହେବ । ଆମେରିକାର ସୁପ୍ରିମକୋର୍ଟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କଦ୍ୱାରା ଲାଗୁ କରାଯାଇଥିବା ବର୍ଦ୍ଧିତ ଶୁଳ୍କକୁ ପ୍ରତ୍ୟାହାର କରିବା ଉପରେ ଗତ ଫେବୃଆରୀ ୨୪ ତାରିଖରୁ ସମସ୍ତ ଦେଶ ଉପରେ ଆମଦାନୀ ଶୁଳ୍କ ୧୫୦ ଦିନ ପାଇଁ ଅସ୍ଥାୟୀ ଭାବେ ୧୦ ପ୍ରତିଶତ ଶୁଳ୍କ ଲାଗୁ ହୋଇଥିଲା ।

## ଡବ୍ଲ୍ୟୁ.ବି. - ଭୋଟର୍ସ

ନିର୍ବାଚନ କମିଶନ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ପାଇଁ ଭୋଟର ତାଲିକା ପ୍ରକାଶ କରିଛନ୍ତି। ତଥ୍ୟ ଅନୁଯାୟୀ, ଏପର୍ଯ୍ୟନ୍ତ ୩ କୋଟି ୬୦ ଲକ୍ଷ ୭୭ ହଜାର ୧୭୧ ଜଣ ଭୋଟର ଏହି ପର୍ଯ୍ୟାୟରେ ଭୋଟ ଦେବାକୁ ଯୋଗ୍ୟତା ହାସଲ କରିଛନ୍ତି । ସେମାନଙ୍କ ମଧ୍ୟରୁ ୧ କୋଟି ୮୪ ଲକ୍ଷ ୯୯ ହଜାର ୪୯୬ ପୁରୁଷ, ୧ କୋଟି ୭୫ ଲକ୍ଷ ୭୭ ହଜାର ୨୧୦ ମହିଳା ଏବଂ ୪୬୫ ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଥିବା ଜଣାପଡ଼ିଛି । ଟ୍ରିବ୍ୟୁନାଲ୍ ଯୋଗ୍ୟ ଭୋଟରଙ୍କ ଚୂଡ଼ାନ୍ତ ତାଲିକା ଦାଖଲ କରିବା ପରେ ଏଥିରେ ସଂଶୋଧନ କରାଯିବ।

ଅନ୍ୟପକ୍ଷରେ ଶାନ୍ତିପୂର୍ଣ୍ଣ ମତଦାନ ସୁନିଶ୍ଚିତ କରିବା ପାଇଁ ନିର୍ବାଚନ ଆୟୋଗ ସୁରକ୍ଷା ନିୟୋଜନ, ଭୋଟର ସହାୟତା ଏବଂ ମତଦାନ ଉପରେ କଡ଼ା ନଜର ରଖିବାପାଇଁ କାର୍ଯ୍ୟ କରୁଛନ୍ତି । ପ୍ରଥମ ପର୍ଯ୍ୟାୟ ମତଦାନପାଇଁ ପ୍ରଚାର କାର୍ଯ୍ୟ ଚାଲିଥିବାବେଳେ ଆସନ୍ତା ୨୩ ତାରିଖରେ ଭୋଟ୍‌ଗ୍ରହଣ ହେବ ।

## ଡବ୍ଲ୍ୟୁବି. ଫୋର୍ସ ଡିପ୍ଲୋଏମେଣ୍ଟ

ନିର୍ବାଚନ ଆୟୋଗ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ୧୫୨ଟି ବିଧାନସଭା କ୍ଷେତ୍ରରେ ୨ ହଜାର ୧୯୩ଟି କ୍ୱିକ୍ ରେସ୍‌ପନ୍ସ ଟିମ୍ ମୁତୟନ କରିବା ନେଇ ଘୋଷଣା କରିଛନ୍ତି । କୌଣସି ଅପ୍ରୀତିକର ପରିସ୍ଥିତିର ମୁକାବିଲା କରିବା କ୍ଷେତ୍ରରେ ଏହି ସୁରକ୍ଷା ଦଳ ତ୍ୱରିତ ଢଙ୍ଗରେ କାର୍ଯ୍ୟ କରିବେ । ବିଶେଷକରି ସୀମାବର୍ତ୍ତୀ ଅଞ୍ଚଳଗୁଡ଼ିକରେ ସୁରକ୍ଷିତ ମତଦାନପାଇଁ ଆୟୋଗ ଏହି ପଦକ୍ଷେପ ନେଇଛନ୍ତି । ସୂଚନା ଅନୁଯାୟୀ, ମୁର୍ଶିଦାବାଦରେ ୨୧୯ଟି ଟିମ୍ ମୁତୟନ ହେବାକୁ ଥିବାବେଳେ ପୂର୍ବ-ମିଦିନାପୁରରେ ୨୫୩ ଏବଂ ପଶ୍ଚିମ ମିଦିନାପୁରରେ ୨୪୮ଟି ଟିମ୍ ମୁତୟନ କରାଯିବ ।

## ଇରାନ-ୟୁ.ଏସ୍. ଟକ୍ସ

ଆମେରିକା ସହିତ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ପାଇଁ ଇରାନ୍ ଅସମ୍ମତି ପ୍ରକାଶ କରିଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିଲେ, ଆମେରିକୀୟ ପ୍ରତିନିଧିମାନେ ଆଲୋଚନାପାଇଁ ପାକିସ୍ତାନରେ ପହଞ୍ଚିବେ। ଇରାନର ସରକାରୀ ସମ୍ବାଦ ସଂସ୍ଥା IRNA ଆମେରିକାର ଅତ୍ୟଧିକ ଚାପ ପ୍ରୟୋଗ, ଅବାସ୍ତବ ଦାବି ଏବଂ ନୌସେନା ଅବରୋଧକୁ ବିରୋଧ କରି ଏହାକୁ ଅସ୍ତ୍ରବିରୋଧୀ ସର୍ତ୍ତାବଳୀର ଉଲ୍ଲଙ୍ଘନ ବୋଲି କହିଛି ।

ଇରାନର ରିଭଲ୍ୟୁସନରୀ ଗାର୍ଡ ମଧ୍ୟ ହର୍ମୁଜ୍ ପ୍ରଣାଳୀକୁ ବନ୍ଦ କରିଦେଇଛି, ଯାହାଫଳରେ ସେହି ପଥ ଦେଇ ଯାତାୟାତ କରିବାକୁ ଥିବା ଜାହାଜଗୁଡ଼ିକପାଇଁ ସମସ୍ୟା ସୃଷ୍ଟି ହୋଇଛି ।

ଆମେରିକା ରାଷ୍ଟ୍ରପତି ଟ୍ରମ୍ପ, ଇରାନ ଅସ୍ତ୍ରବିରତିକୁ ଉଲ୍ଲଙ୍ଘନ କରୁଥିବା ଅଭିଯୋଗ କରିଛନ୍ତି । ସେ ଚେତାବନୀ ଦେଇଛନ୍ତି, ଯଦି ତେହେରାନ ଚୁକ୍ତି ନ କରେ, ତେବେ ଆମେରିକା ପୁଣି ଆକ୍ରମଣ କରିବ । ଆମେରିକୀୟ ନୌସେନା ହର୍ମୁଜ ପ୍ରଣାଳୀରେ ଅବରୋଧ ଜାରି ରଖିଥିବା କୁହାଯାଇଛି ।

## ୟୁ.ଏସ୍. - ଇରାନ ସିପ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଗତକାଲି ହର୍ମୁଜ୍ ପ୍ରଣାଳୀ ନିକଟରେ ନୌସେନା ଅବରୋଧକୁ ଅତିକ୍ରମ କରିବାକୁ ଚେଷ୍ଟା

କରୁଥିବା ଏକ ଇରାନୀର ମାଲବାହୀ ଜାହାଜକୁ ଆମେରିକା ବଳପୂର୍ବକ ଅକ୍ତିଆରକୁ ନେଇଛି । ଗତ ସପ୍ତାହରେ ଇରାନୀ ବନ୍ଦରଗୁଡ଼ିକରେ ଆମେରିକା ନୌସେନାର ଅବରୋଧ ପରେ ପ୍ରଥମ ଥର ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଟ୍ରୁଥ ସାମାଜିକ ଗଣମାଧ୍ୟମରେ ଶ୍ରୀ ଟ୍ରମ୍ପ କହିଛନ୍ତି, ଆମେରିକା ଯେକୌଣସି ପରିସ୍ଥିତିର ସାମ୍ନା କରିବାକୁ ପ୍ରସ୍ତୁତ ରହିଛି ।

## ଇକୋନୋମୀ ଗ୍ରୋଥ୍

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ସତ୍ତ୍ୱେ ଚଳିତ ଆର୍ଥିକ ବର୍ଷରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ୬ ଦଶମିକ ୮ ପ୍ରତିଶତରୁ ୭ ଦଶମିକ ୧ ପ୍ରତିଶତ ମଧ୍ୟରେ ରହିବ ବୋଲି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଗବେଷଣା ଶାଖା ପକ୍ଷରୁ ଆକଳନ କରାଯାଇଛି । ଦେଶର ଅର୍ଥନୈତିକ କାର୍ଯ୍ୟକଳାପ ସୁଦୃଢ଼ ରହିଛି । ଜଳବାୟୁରେ ଆଲ୍‌ନିନୁର ପ୍ରଭାବ ଏବଂ ମୁଦ୍ରାସ୍ଫୀତି ହାର ୪ ଦଶମିକ ୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ଆଶଙ୍କା ସତ୍ତ୍ୱେ ଦେଶର ଅଭିବୃଦ୍ଧି ଉଲ୍ଲେଖନୀୟ ରହିବା ନେଇ ଗବେଷଣା ଶାଖା ପକ୍ଷରୁ କୁହାଯାଇଛି ।

## ଏମ୍.ଇ.ଏ. - ଏମ୍.ଓ.ଏସ୍. ଭିଜିଟ୍

ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ରା ମାର୍ଗାରିଟା ଆସନ୍ତା ୨୨ ତାରିଖରୁ ଦକ୍ଷିଣ-ପ୍ରଶାନ୍ତ ମହାସାଗରୀୟ ଦ୍ୱୀପରାଷ୍ଟ୍ର ଭାନୁଆଟୁ ଏବଂ ତୁଭାଲୁକୁ ଚାରିଦିନିଆ ଗସ୍ତରେ ଯିବେ । ଗସ୍ତ ଅବସରରେ ମନ୍ତ୍ରୀ ସେଠାକାର ପ୍ରଧାନମନ୍ତ୍ରୀ ଏବଂ ବୈଦେଶିକ ମନ୍ତ୍ରୀଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବାର ଆଶା କରାଯାଉଛି । ଭାରତର ସହାୟତାରେ ତୁଭାଲୁଠାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶ୍ରୀ ମାର୍ଗାରିଟା ସମୀକ୍ଷା କରିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ଏହି ଗସ୍ତ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପରାଷ୍ଟ୍ରଗୁଡ଼ିକ ସହିତ ରାଜନୈତିକ ଏବଂ ବିକାଶମୂଳକ ସହଯୋଗ ସମ୍ପର୍କକୁ ସୁଦୃଢ଼ କରିବାପାଇଁ ଭାରତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

## ଭି.ପି. - ଶ୍ରୀଲଙ୍କା ଭିଜିଟ୍

ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍ ଶ୍ରୀଲଙ୍କା ଗସ୍ତର ଆଜି ଦ୍ୱିତୀୟ ଦିନରେ ନୂଆରା ଏଲିଆ ଯାତ୍ରା କରିବେ । ଗସ୍ତ ସମୟରେ, ସେ ଭାରତ

ସହାୟତାରେ ନିର୍ମିତ ବାସଗୃହ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରି ଭାରତୀୟ ବଂଶୋଦ୍ଭବ ତାମିଲ ସମ୍ପ୍ରଦାୟର ସଦସ୍ୟମାନଙ୍କ ସହ ଆଲୋଚନା କରିବେ ।

ଗତକାଲି ଗସ୍ତର ପ୍ରଥମ ଦିନରେ ଉପରାଷ୍ଟ୍ରପତି ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକେ ଏବଂ ପ୍ରଧାନମନ୍ତ୍ରୀ ହରିଣୀ ଅମରସୁରିଆଙ୍କ ସହିତ ବ୍ୟାପକ ଆଲୋଚନା କରିଛନ୍ତି । ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗକୁ ଗତି ପ୍ରଦାନ ନିମନ୍ତେ ଉଭୟ ଦେଶର ସରକାର ପ୍ରସ୍ତୁତ ଥିବା ଆଲୋଚନାରୁ ଜଣାପଡ଼ିଛି । ଏହି ଅବସରରେ ଶ୍ରୀ ରାଧାକୃଷ୍ଣନ୍ ସେଠାରେ ରହୁଥିବା ଭାରତୀୟମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ପଡ଼ୋଶୀ ପ୍ରଥମେ ନୀତିକୁ ଆଧାର କରି ଉଭୟ ଦେଶ ବାଣିଜ, ବ୍ୟବସାୟଠାରୁ ଆରମ୍ଭ କରି ସାଂସ୍କୃତିକ ଓ ଲୋକସମ୍ପର୍କ ଭାଗିଦାରିତା ଉପରେ ଗୁରୁତ୍ୱ ଦେଉଛନ୍ତି ।

## ଏମ୍.ଇ.ଏ. - ଏମ୍.ଓ.ଏସ୍. ଭିଜିଟ୍

ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ରା ମାର୍ଗାରିଟା ଆସନ୍ତା ୨୨ ତାରିଖରୁ ଦକ୍ଷିଣ-ପ୍ରଶାନ୍ତ ମହାସାଗରୀୟ ଦ୍ୱୀପରାଷ୍ଟ୍ର ଭାନୁଆଟୁ ଏବଂ ତୁଭାଲୁକୁ ଚାରିଦିନିଆ ଗସ୍ତରେ ଯିବେ । ଗସ୍ତ ଅବସରରେ ମନ୍ତ୍ରୀ ସେଠାକାର ପ୍ରଧାନମନ୍ତ୍ରୀ ଏବଂ ବୈଦେଶିକ ମନ୍ତ୍ରୀଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବାର ଆଶା କରାଯାଉଛି । ଭାରତର ସହାୟତାରେ ତୁଭାଲୁଠାରେ କାର୍ଯ୍ୟକାରୀ

ହେଉଥିବା ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶ୍ରୀ ମାର୍ଗାରିଟା ସମୀକ୍ଷା କରିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ଏହି ଗସ୍ତ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପରାଷ୍ଟ୍ରଗୁଡ଼ିକ ସହିତ ରାଜନୈତିକ ଏବଂ ବିକାଶମୂଳକ ସହଯୋଗ ସମ୍ପର୍କକୁ ସୁଦୃଢ଼ କରିବାପାଇଁ ଭାରତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

## ଟେକ୍ସଟାଇଲ୍ ମିନିଷ୍ଟ୍ରି - ବିଶ୍ୱସୂତ୍ର

ବୟନ ମନ୍ତ୍ରଣାଳୟ ପକ୍ଷରୁ 'ବିଶ୍ୱସୂତ୍ର : ବିଶ୍ୱପାଇଁ ଭାରତର ବୟନ' ନାମକ ଏକ ଅଭିଯାନ ଆରମ୍ଭ କରିଛି । ଏହି ଅଭିଯାନ ଅନ୍ତର୍ଗତ ଏକ ଡିଜାଇନର୍ ସଂଗ୍ରହ ଓଡ଼ିଶାର ଭୁବନେଶ୍ୱରରେ ଅନୁଷ୍ଠିତ ୬୧ତମ ଫେମିନା ମିସ୍ ଇଣ୍ଡିଆରେ ଉପସ୍ଥାପିତ ହୋଇଥିଲା । ଜାତୀୟ ଫାଶନ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ ଓ ହସ୍ତତନ୍ତ ଉନ୍ନୟନ କମିଶନରଙ୍କ ମିଳିତ ସହଯୋଗରେ ଏହି ପ୍ରୟାସକୁ ବିକଶିତ କରାଯାଇଛି । ଏହା ଭାରତୀୟ ହସ୍ତତନ୍ତକୁ ଏକ ସମସାମୟିକ ବିଶ୍ୱ ଡିଜାଇନ୍ ଢାଞ୍ଚାରେ ଉପସ୍ଥାପନ କରିବାର ଲକ୍ଷ୍ୟ ରଖିଛି ।

ମନ୍ତ୍ରଣାଳୟ କହିଛି, ଏହି ପ୍ରୟାସ ସରକାରଙ୍କର 'ଭୋକାଲ୍ ଫର୍ ଲୋକାଲ୍ ଟୁ ଗ୍ଲୋବାଲ୍' ଏବଂ ପ୍ରଧାନମନ୍ତ୍ରୀଙ୍କ 5F ଫ୍ରେମ୍ୱାର୍କ - ଫାର୍ମ ଟୁ ଫାଇବର୍ ଟୁ ଫ୍ୟାକ୍ଟୋରୀ ଟୁ ଫ୍ୟାଶନ ଟୁ ଫରେନ୍ ଦୃଷ୍ଟିକୋଣ ଉପରେ ଗୁରୁତ୍ୱାରୋପ କରୁଛି ।

ଫେମିନା ମିସ୍ ଇଣ୍ଡିଆ ୱାର୍ଲଡ୍ ପ୍ରତିଯୋଗିତାର ୬୧ତମ ସଂସ୍କରଣର ବିଷୟବସ୍ତୁ ଥିଲା "ଏହି ମାଟିର ଝିଅ" । ପ୍ରତିଯୋଗିତାର ଗ୍ରାଣ୍ଡ୍ ଫିନାଲେରେ ଗୋଆର ସାଧ୍ଵୀ ସୈଲ ଫେମିନା ମିସ୍ ଇଣ୍ଡିଆ ୱାର୍ଲଡ୍-୨୦୨୬ ବିଜୟୀ ହୋଇଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

'ଆକାଶବାଣୀରେ ଲୋକଙ୍କ ପଦ୍ମ' ଧାରାବାହିକର ପରବର୍ତ୍ତୀ ଭାଗରେ ମେଘାଳୟର ଶ୍ରୀ ହାଲୀ ୱାରଙ୍କ ସହ ବାର୍ତ୍ତାଳାପ ପ୍ରଚାର କରାଯିବ । ପରିବେଶ ସଂରକ୍ଷଣ ଏବଂ ଆଦିବାସୀ ପରିବେଶଗତ ଅଭ୍ୟାସର ପରମ୍ପରାକୁ ସଂରକ୍ଷଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ତାଙ୍କୁ ପଦ୍ମଶ୍ରୀରେ ସମ୍ମାନିତ କରାଯିବ।

ଏହି ବାର୍ତ୍ତାଳାପ ଆଜି ସକାଳ ୯ଟା ୧୦ ମିନିଟ୍‌ରେ  ୧୦୦ ଦଶମିକ୍ ୧ ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍‌ରେ ପ୍ରସାରଣ କରାଯିବ । ଏହି କାର୍ଯ୍ୟକ୍ରମ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ଅଫିସିଆଲ୍ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଉପଲବ୍ଧ ହେବ ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଗତକାଲି ନିୟୁ ଚଣ୍ଡୀଗଡ଼ରେ ଅନୁଷ୍ଠିତ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ୫୪ ରନ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସକୁ ପରାସ୍ତ କରିଛି । ୨୫୫ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଲକ୍ଷ୍ନୌ ସୁପର ଜାଏଣ୍ଟ୍ ୨୦ ଓଭର୍‌ରେ ୫ ୱିକେଟ୍ ବିନିମୟରେ ମାତ୍ର ୨୦୦ ରନ୍ କରିବାକୁ ସକ୍ଷମ ହୋଇଥିଲା । ପ୍ରଥମେ ବ୍ୟାଟିଂ କରି ପଞ୍ଜାବ କିଙ୍ଗ୍‌ସ ୭ ୱିକେଟ୍ ବିନିମୟରେ ୨୫୪ ରନ୍ ସ୍କୋର୍ କରିଥିଲା ।

ଆଜି ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ସନ୍ଧ୍ୟା ୭ଟା ୩୦ରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଗୁଜରାଟ ଟାଇଟନ୍‌ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

## ଇଣ୍ଡିଆନ ସୁପର ଲିଗ୍

ଇଣ୍ଡିଆନ୍ ସୁପର ଲିଗ୍ ଫୁଟ୍‌ବଲ୍ ପ୍ରତିଯୋଗିତାରେ ଗତକାଲି ଅନୁଷ୍ଠିତ ବର୍ଷାବାଧିତ ମ୍ୟାଚ୍‌ରେ ନର୍ଥ ଇଷ୍ଟ ୟୁନାଇଟେଡ୍ ଫୁଟ୍‌ବଲ୍ କ୍ଲବକୁ ମୋହନ ବାଗାନ ସୁପର ଜାଏଣ୍ଟ୍ ୧-୦ ଗୋଲ୍‌ରେ ପରାସ୍ତ କରିଛି । ଗୁଆହାଟୀର ଇନ୍ଦିରା ଗାନ୍ଧି ଆଥ୍‌ଲେଟିକ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ବିଜୟ

ହାସଲ ପରେ ମୋହନ ବାଗାନ୍ ୯ଟି ମ୍ୟାଚ୍‌ରୁ ୨୦ ପଏଣ୍ଟ ହାସଲ କରି ପଏଣ୍ଟ ତାଲିକାରକ ଶୀର୍ଷରେ ରହିଛି ।

*****